ଓଡିଶା ସରକାର

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା

**********

# ଅଧିସୂଚନା

File No.XXXVL-7/2025 / 558 /LA/Dated 27/11/25 //

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାର "କେନ୍ଦ୍ରାପଡ଼ା ସହରକୁ ବିକଳ୍ପ ରାସ୍ତା ପାଇଁ ଗୋବରୀ ନଦୀ ଉପରେ ୦/୨୫୦ କିମି ଠାରେ ସୁଉଚ୍ଚ ସେତୁ ନିର୍ମାଣ ଏବଂ ୦/୦୦୦ କିମି ଠାରୁ ୦/୭୦୦ କିମି ପର୍ଯ୍ୟନ୍ତ ବିକଳ୍ପ ରାସ୍ତା ନିର୍ମାଣ (ଭାଗ -୧)" ତହସିଲ-କେନ୍ଦ୍ରାପଡ଼ା, ଜିଲ୍ଲା-କେନ୍ଦ୍ରାପଡ଼ାରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୨.୦୦୦ ଭୂମି ଅଧିଗ୍ରହଣ/ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act-2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act-2013)ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦(ଷାଠିଏ) ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act-2013)ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ଜିଲ୍ଲାପାଳ କେନ୍ଦ୍ରାପଡାଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

## ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

| | |
|---|---|
| ୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ:- | "କେନ୍ଦ୍ରାପଡ଼ା ସହରକୁ ବିକଳ୍ପ ରାସ୍ତା ପାଇଁ ଗୋବରୀ ନଦୀ ଉପରେ ୦/୨୫୦ କିମି ଠାରେ ସୁଉଚ୍ଚ ସେତୁ ନିର୍ମାଣ ଏବଂ ୦/୦୦୦ କିମି ଠାରୁ ୦/୭୦୦ କିମି ପର୍ଯ୍ୟନ୍ତ ବିକଳ୍ପ ରାସ୍ତା ନିର୍ମାଣ (ଭାଗ -୧)" |

୨.ଜମି ଆବଶ୍ୟକ କରୁଥିବା ସଂସ୍ଥାର ଅଧିକାରୀଙ୍କ ନାମ:- ନିର୍ବାହୀ ଯନ୍ତ୍ରୀ,କେନ୍ଦ୍ରାପଡ଼ା ରାସ୍ତା ଓ ଗୃହ ନିର୍ମାଣ ବିଭାଗ-୧, କେନ୍ଦ୍ରାପଡ଼ା

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ:- ସାର୍ବଜନିନ ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ସହରକୁ ବିକଳ୍ପ ରାସ୍ତା ସୁବିଧା,

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ :- ଓଡିଶା ସରକାରଙ୍କ ରାଜସ୍ୱ ଓ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା-୮୮୯୧ /R&DM ତା.୦୬.୦୩.୨୦୨୫ ରିଖ ରେ ଭୂମିଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:- ଉପ-ଜିଲ୍ଲାପାଳ, କେନ୍ଦ୍ରାପଡ଼ା

୬. ଜମିର ବିବରଣୀ:-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହାରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା | ଅର୍ଜିତ ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|---|
| କେନ୍ଦ୍ରା ପଡ଼ା | କେନ୍ଦ୍ରା ପଡ଼ା | ମହିପାଳ | ସହାରାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୨.୦.୬୧୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଜମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ଭୂ-ଅର୍ଜନ ଅଧିକାରୀ କେନ୍ଦ୍ରାପଡ଼ାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିବ ।

ଉକ୍ତ ଅଧିସୂଚନା ଅନ୍ତର୍ଗତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ନେଣ ଦେଣ ) କିମ୍ବା ଦାୟ ସୃଷ୍ଟି କେନ୍ଦ୍ରାପଡ଼ା, ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶ କ୍ରମେ

ରଘୁରାମ

ଜିଲ୍ଲାପାଳ, କେନ୍ଦ୍ରାପଡ଼ା

# ପ୍ରସ୍ତାବିତ ଭୂମି ଅନୁସୂଚୀ

ପ୍ରକଳ୍ପର ନାମ - କେନ୍ଦ୍ରାପଡ଼ା ସହରକୁ ବିକଳ୍ପ ରାସ୍ତା ପାଇଁ ଗୋବରୀ ନଦୀ ଉପରେ ୦/୨୫୦ କି.ମି. ଠାରେ ଉଚ୍ଚ ସେତୁ ନିର୍ମାଣ ଏବଂ ୦/୦୦୦ କି. ମି. ରୁ ୦/୭୦୦ କି. ମି. ପର୍ଯ୍ୟନ୍ତ ବିକଳ୍ପ ରାସ୍ତା ନିର୍ମାଣ (ଭାଗ - ୧)

ଜିଲ୍ଲା - କେନ୍ଦ୍ରାପଡା

ତହସିଲ - କେନ୍ଦ୍ରାପଡ଼ା        **ମୌଜା - ମହିପାଳ**        ଥାନା - କେନ୍ଦ୍ରାପଡ଼ା ସଦର

| କ୍ର ନଂ | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା ଏକରରେ | ଅଧିଗ୍ରହଣ ରକବା ଏକରରେ | ରୟତଙ୍କ ନାମ ଓ ଠିକଣା |
|---|---|---|---|---|---|---|
| ୦୧ | ୧୪୩ | ୨ | ବଗାୟତ-୩ | ୦.୫୪୦ | ୦.୨୭୦ | କଳ୍ପତରୁ ଶଚିନନ୍ଦନ ଟ୍ରଷ୍ଟ ଇଷ୍ଟେଟ ମାର୍ଫତ ବାୟାବାବା :,ଗୁରୁ ଶ୍ରୀଶ୍ରୀ ରାମ ଦାସ ବାବାଜି ମହାରାଜ ଙ୍କା ଲେହେଙ୍ଗି :,ବୈଷ୍ଣବ ବାସସ୍ଥାନ ନିଜଗାଁ ବା |
| | | ୩ | ବଗାୟତ-୨ | ୦.୫୮୦ | ୦.୪୪୦ | |
| ମୋଟ | | | | ୧.୧୨୦ | ୦.୭୧୦ | |

ଭୂ-ଅର୍ଜନ ଅଧିକାରୀ,

କେନ୍ଦ୍ରାପଡ଼ା